# ଇତିହାସ
# ଓ
# ରାଜନୀତି ବିଜ୍ଞାନ

(ଦଶମ ଶ୍ରେଣୀ)

ପ୍ରକାଶକ

ମାଧ୍ୟମିକ ଶିକ୍ଷା ପରିଷଦ, ଓଡ଼ିଶା

# ଇତିହାସ ଓ ରାଜନୀତି ବିଜ୍ଞାନ

**ମାଧ୍ୟମିକ ଶିକ୍ଷା ପରିଷଦ, ଓଡ଼ିଶାଙ୍କ ଦ୍ୱାରା**
ଦଶମ ଶ୍ରେଣୀ ନିମନ୍ତେ ଅନୁମୋଦିତ ଓ ପ୍ରକାଶିତ

© ମାଧ୍ୟମିକ ଶିକ୍ଷା ପରିଷଦ, ଓଡ଼ିଶା

ଲେଖକ ଓ ସମୀକ୍ଷକ ମଣ୍ଡଳୀ :
ପ୍ରଫେସର ମେଜର ବ୍ରଜେନ୍ଦ୍ର ନାରାୟଣ ପଟ୍ଟନାୟକ (ସମୀକ୍ଷକ)
ପ୍ରଫେସର (ଡ.) କାର୍ତ୍ତିକ ଚନ୍ଦ୍ର ରାଉତ (ସହ-ସମୀକ୍ଷକ)
ପ୍ରଫେସର ବୈଷ୍ଣବ ଚରଣ ଦାସ (ସମୀକ୍ଷକ)
ଡ. ହେମନ୍ତ କୁମାର ମହାପାତ୍ର
ଡ. ସଂଧ୍ୟା ପଟ୍ଟନାୟକ
ଡ. ସଚ୍ଚିଦାନନ୍ଦ ମିଶ୍ର
ଡ. ମୀନାକ୍ଷୀ ଦାସ (ଭାଷା ସମୀକ୍ଷକ)
ଶ୍ରୀ ସତ୍ୟଜିତ୍ ମହାପାତ୍ର (ସଂଯୋଜକ)

ପ୍ରଥମ ସଂସ୍କରଣ : ୨୦୧୩ /

ଆର୍ଟପୁଲ :
ଶ୍ରୀ ଜେରକ୍ସ ଆଣ୍ଡ୍ ଅଫ୍‌ସେଟ୍
ବକ୍ସିବାଟୀ ରୋଡ୍, କଟକ-୧

ମୁଦ୍ରଣ :

ମୂଲ୍ୟ : ଟ.

# ମୁଖବନ୍ଧ

**ଇ**ତିହାସ କେବଳ ଅତୀତର ବହୁବିଧ ଘଟଣାବଳୀର ସମାହାର ନୁହେଁ– ଏହା ଅତୀତ, ବର୍ତ୍ତମାନ ଓ ଭବିଷ୍ୟତର ସଂଯୋଜକ ଭୂମିକା ଗ୍ରହଣ କରେ । ଇତିହାସ ପଠନର ଆବଶ୍ୟକତା ହେଉଛି ଆମ ଜାତି, ବ୍ୟକ୍ତି ଓ ସଂସ୍କୃତି ବିଷୟରେ ଜ୍ଞାନ ଆହରଣ କରି ନିଜ ଚିନ୍ତାଧାରା ଓ ଜୀବନ ପ୍ରଣାଳୀକୁ ସୁସଂଯତ କରିବା । ଇତିହାସ ପାଠ୍ୟକ୍ରମରେ ସଂଯୋଜିତ ବିଷୟବସ୍ତୁଗୁଡ଼ିକ ମଧ୍ୟରେ ଆଧୁନିକ ଭାରତ ଇତିହାସ ପ୍ରଚ୍ଛଦପଟରେ ଓଡ଼ିଶା ଇତିହାସର ବିଭିନ୍ନ ଘଟଣାବଳୀ ପ୍ରାଞ୍ଜଳ ଭାବରେ ଏହି ପୁସ୍ତକରେ ଆଲୋଚିତ ଏବଂ ଏହି ବିଷୟବସ୍ତୁ ଜାତୀୟ ଶିକ୍ଷା ଗବେଷଣା ଓ ପ୍ରଶିକ୍ଷଣ ପରିଷଦ (NCERT) ନୂଆଦିଲ୍ଲୀ ଓ ଓଡ଼ିଶାର SCF-2007 ପାଠ୍ୟଖସଡ଼ା ଉପରେ ଆଧାରିତ ।

ରାଜନୀତି ବିଜ୍ଞାନ ଆଧୁନିକ ଯୁଗରେ ଏକ ଅପରିହାର୍ଯ୍ୟ ବିଷୟବସ୍ତୁ । କାରଣ ଭାରତର ପ୍ରତ୍ୟେକ ସଚେତନ ନାଗରିକ ଭାରତର ଶାସନ ବ୍ୟବସ୍ଥା– ଆଇନ ଅଦାଲତ– ମାନବାଧିକାର– ଭୋଟଦାନ ସହିତ ଗଣତାନ୍ତ୍ରିକ ସଂଜ୍ଞା ଓ କାର୍ଯ୍ୟପନ୍ଥା ନିରୂପଣ– ଭାରତର ଜାତୀୟତାବୋଧ– ବିଭିନ୍ନତାରୁ ଐକ୍ୟ ପ୍ରତିଷ୍ଠା ଇତ୍ୟାଦି ବିଷୟରେ ଏଥିରୁ ଜ୍ଞାନ ଲାଭ କରିଥାଏ ।

ଆଲୋଚନାର ବିଷୟବସ୍ତୁ ଭିତରେ "ତୁମ ପାଇଁ କାମ" ଓ "ତୁମେ ଜାଣିଛ କି" ମାଧ୍ୟମରେ ଅଭ୍ୟାସଭିତ୍ତିକ କାର୍ଯ୍ୟକୁ ଉତ୍ସାହିତ କରାଯାଇଛି । ଏହି ପୁସ୍ତକର ପ୍ରସ୍ତୁତିରେ ସଂପୃକ୍ତ ଲେଖକ, ସମୀକ୍ଷକ, ସହସମୀକ୍ଷକ, ଭାଷାବିତ୍ ଓ ସଂଯୋଜକ ପ୍ରଭୃତି ସମସ୍ତଙ୍କୁ ପରିଷଦ ତରଫରୁ ହାର୍ଦ୍ଦିକ କୃତଜ୍ଞତା ଜ୍ଞାପନ କରୁଛି ।

କିଛି ଅନିଚ୍ଛାକୃତ ତ୍ରୁଟି ବିଚ୍ୟୁତି ପରିଲକ୍ଷିତ ହେଲେ ପାଠକପାଠିକାବୃନ୍ଦ ଉଦାର ହୃଦୟରେ ପରିଷଦର ଦୃଷ୍ଟିକୁ ଆଣିଲେ ପରବର୍ତ୍ତୀ ସଂସ୍କରଣରେ ତାହାକୁ ଯଥୋଚିତ ସମ୍ମାନ ଦିଆଯିବ ।

**ସଭାପତି**

**ମାଧ୍ୟମିକ ଶିକ୍ଷା ପରିଷଦ, ଓଡ଼ିଶା**

# ଭାରତର ସମ୍ବିଧାନ

**ପ୍ରାକ୍ କଥନ :**

ଆମେ ଭାରତବାସୀ ଭାରତକୁ ଏକ ସାର୍ବଭୌମ, ସମାଜବାଦୀ, ଧର୍ମ ନିରପେକ୍ଷ, ଗଣତାନ୍ତ୍ରିକ ସାଧାରଣତନ୍ତ୍ର ରୂପେ ଗଠନ କରିବା ପାଇଁ ଦୃଢ଼ ସଂକଳ୍ପ ନେଇ ଓ ଏହାର ସମସ୍ତ ନାଗରିକଙ୍କୁ

- ❑ ସାମାଜିକ, ଆର୍ଥନୀତିକ ଓ ରାଜନୈତିକ ନ୍ୟାୟ;
- ❑ ଚିନ୍ତା, ଅଭିବ୍ୟକ୍ତି, ପ୍ରତ୍ୟୟ, ଧର୍ମୀୟ ବିଶ୍ୱାସ ଏବଂ ଉପାସନାର ସ୍ୱତନ୍ତ୍ରତା;
- ❑ ସ୍ଥିତି ଓ ସୁବିଧା ସୁଯୋଗ ସମାନତାର ସୁରକ୍ଷା ପ୍ରଦାନ କରିବାକୁ ତଥା
- ❑ ବ୍ୟକ୍ତି ମର୍ଯ୍ୟାଦା ଏବଂ ରାଷ୍ଟ୍ରର ଐକ୍ୟ ଓ ସଂହତି ନିଶ୍ଚିତ କରି ସେମାନଙ୍କ ମଧ୍ୟରେ ଭ୍ରାତୃଭାବ ଉତ୍ସାହିତ କରିବାକୁ

ଏହି ୧୯୪୯ ମସିହା ନଭେମ୍ବର ୨୬ ତାରିଖ ଦିନ

ଆମର ସମ୍ବିଧାନ ପ୍ରଣୟନ ସଭାରେ ଏତଦ୍ଦ୍ୱାରା

ଏହି ସମ୍ବିଧାନକୁ ଗ୍ରହଣ ଓ ପ୍ରଣୟନ କରୁଅଛୁ ଏବଂ ଆମ ନିଜକୁ ଅର୍ପଣ କରୁଅଛୁ ।

## ଚତୁର୍ଥ ଅଧ୍ୟାୟ (କ)
## ୫୧ (କ) ଧାରା : ମୌଳିକ କର୍ତ୍ତବ୍ୟ

**ଭାରତର ପ୍ରତ୍ୟେକ ନାଗରିକର କର୍ତ୍ତବ୍ୟ–**

(କ) ସମ୍ବିଧାନକୁ ମାନି ଚଳିବା ଏବଂ ଏହାର ଆଦର୍ଶ ଓ ଅନୁଷ୍ଠାନମାନଙ୍କୁ ଏବଂ ଜାତୀୟ ପତାକା ଓ ଜାତୀୟ ସଙ୍ଗୀତକୁ ସମ୍ମାନ ପ୍ରଦର୍ଶନ କରିବା;

(ଖ) ଯେଉଁସବୁ ମହନୀୟ ଆଦର୍ଶ ଆମ ଜାତୀୟ ସ୍ୱାଧୀନତା ସଂଗ୍ରାମକୁ ଅନୁପ୍ରାଣିତ କରିଥିଲା, ତାହାକୁ ସ୍ମରଣ ଓ ଅନୁସରଣ କରିବା;

(ଗ) ଭାରତର ସାର୍ବଭୌମ, ଏକତା ଓ ସଂହତି ବଜାୟ ଏବଂ ସୁରକ୍ଷିତ ରଖିବା;

(ଘ) ଦେଶର ପ୍ରତିରକ୍ଷା କରିବା ଓ ଆବଶ୍ୟକ ସ୍ଥଳେ ଜାତୀୟ ସେବା ପ୍ରଦାନ କରିବା;

(ଙ) ଧର୍ମଗତ, ଭାଷାଗତ ଏବଂ ଆଞ୍ଚଳିକ କିମ୍ବା ଗୋଷ୍ଠୀଗତ ବିଭିନ୍ନତାକୁ ଅତିକ୍ରମ କରି ଭାରତର ଜନସାଧାରଣଙ୍କ ମଧ୍ୟରେ ଐକ୍ୟ ଓ ଭ୍ରାତୃଭାବ ପ୍ରତିଷ୍ଠା କରିବା ଏବଂ ନାରୀଜାତିର ମର୍ଯ୍ୟାଦାହାନିସୂଚକ ବ୍ୟବହାର ପରିତ୍ୟାଗ କରିବା;

(ଚ) ଆମର ସଂସ୍କୃତିର ମୂଲ୍ୟବାନ୍ ଐତିହ୍ୟକୁ ସମ୍ମାନ ପ୍ରଦର୍ଶନ ଓ ସଂରକ୍ଷଣ କରିବା;

(ଛ) ଅରଣ୍ୟ, ହ୍ରଦ, ନଦୀ, ବନ୍ୟପ୍ରାଣୀ ସମେତ ପ୍ରାକୃତିକ ପରିବେଶର ସୁରକ୍ଷା ଓ ଉନ୍ନତି କରିବା ଏବଂ ଜୀବଜଗତ ପ୍ରତି ଅନୁକମ୍ପା ପ୍ରଦର୍ଶନ କରିବା;

(ଜ) ବୈଜ୍ଞାନିକ ମନୋଭାବ, ମାନବବାଦ ଏବଂ ଅନୁସନ୍ଧିତ୍ସା ଓ ସଂସ୍କାର ମନୋଭାବ ପୋଷଣ କରିବା;

(ଝ) ସର୍ବସାଧାରଣ ସମ୍ପତ୍ତିର ସୁରକ୍ଷା କରିବା ଓ ହିଂସା ପରିତ୍ୟାଗ କରିବା;

(ଞ) ବ୍ୟକ୍ତିଗତ ଓ ସମଷ୍ଟିଗତ କାର୍ଯ୍ୟାବଳୀର ପ୍ରତ୍ୟେକ କ୍ଷେତ୍ରରେ ଉତ୍କର୍ଷ ସାଧନ କରିବା ଯାହା ଦ୍ୱାରା ଆମ ଦେଶ ପ୍ରଚେଷ୍ଟା ଓ କୃତିତ୍ୱର ଉଚ୍ଚତର ସୋପାନକୁ ଅବିରତ ଉନ୍ନତି କରିପାରିବ;

(ଟ) ମାତା ବା ପିତା ବା ଅଭିଭାବକ, ତାଙ୍କର ଛଅ ବର୍ଷରୁ ଚଉଦ ବର୍ଷ ବୟସ ମଧ୍ୟରେ ଥିବା ସନ୍ତାନ ବା ପାଳିତଙ୍କୁ ଶିକ୍ଷାଲାଭର ସୁଯୋଗ ଯୋଗାଇ ଦେବେ ।

# ସୂଚୀ

## ଇତିହାସ


| ଅଧ୍ୟାୟ / ପାଠ | | ବିଷୟ | ପୃଷ୍ଠା |
|---|---|---|---|
| **ପ୍ରଥମ ଅଧ୍ୟାୟ : ଭାରତୀୟ ଜାତୀୟ ଆନ୍ଦୋଳନ - ଗାନ୍ଧୀଯୁଗ** | | | **[୧-୪୭]** |
| ପ୍ରଥମ ପାଠ | – | ଭାରତୀୟ ଜାତୀୟ ଆନ୍ଦୋଳନରେ ଗାନ୍ଧିଜୀଙ୍କ ଆବିର୍ଭାବ | ୧-୮ |
| ଦ୍ୱିତୀୟ ପାଠ | – | ଭାରତରେ ଅସହଯୋଗ ଆନ୍ଦୋଳନ ଓ ଓଡ଼ିଶାରେ ଏହାର ପ୍ରଭାବ | ୯-୧୬ |
| ତୃତୀୟ ପାଠ | – | ଭାରତରେ ଆଇନ ଅମାନ୍ୟ ଆନ୍ଦୋଳନ ଏବଂ ଏଥିରେ ଓଡ଼ିଶାର ଭୂମିକା | ୧୭-୨୫ |
| ଚତୁର୍ଥ ପାଠ | – | ଭାରତ ଛାଡ଼ ଆନ୍ଦୋଳନ ଏବଂ ଏଥିରେ ଓଡ଼ିଶାର ଭୂମିକା | ୨୬-୩୪ |
| ପଞ୍ଚମ ପାଠ | – | ସୁଭାଷ ଚନ୍ଦ୍ର ବୋଷ ଓ ଭାରତୀୟ ଜାତୀୟସେନା | ୩୫-୪୧ |
| ଷଷ୍ଠ ପାଠ | – | ଭାରତ ସ୍ୱାଧୀନତା ଆଇନ, ଭାରତ ବିଭାଜନ ଓ ସ୍ୱାଧୀନତା | ୪୨-୪୭ |
| **ଦ୍ୱିତୀୟ ଅଧ୍ୟାୟ : ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ** | | | **[୪୮-୭୭]** |
| ପ୍ରଥମ ପାଠ | – | ଓଡ଼ିଆ ଜାତୀୟତାର ବିକାଶ | ୪୮-୫୩ |
| ଦ୍ୱିତୀୟ ପାଠ | – | ଉତ୍କଳ ସମ୍ମିଳନୀର ଗଠନ | ୫୪-୫୯ |
| ତୃତୀୟ ପାଠ | – | ୧୯୧୧ ଖ୍ରୀଷ୍ଟାବ୍ଦ ପର୍ଯ୍ୟନ୍ତ ଓଡ଼ିଆ ଆନ୍ଦୋଳନ | ୬୦-୬୪ |
| ଚତୁର୍ଥ ପାଠ | – | ୧୯୧୧ ଖ୍ରୀଷ୍ଟାବ୍ଦରୁ ୧୯୩୬ ପର୍ଯ୍ୟନ୍ତ ଓଡ଼ିଆ ଆନ୍ଦୋଳନ | ୬୫-୭୧ |
| ପଞ୍ଚମ ପାଠ | – | ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶର ପ୍ରତିଷ୍ଠା | ୭୨-୭୭ |
| **ତୃତୀୟ ଅଧ୍ୟାୟ : ୨୦୦୦ ଖ୍ରୀଷ୍ଟାବ୍ଦ ପର୍ଯ୍ୟନ୍ତ ସ୍ୱାଧୀନତା ପରବର୍ତ୍ତୀ ଭାରତ** | | | **[୭୮-୧୧୧]** |
| ପ୍ରଥମ ପାଠ | – | ଦେଶୀୟ ରାଜ୍ୟମାନଙ୍କର ମିଶ୍ରଣ | ୭୮-୮୪ |
| ଦ୍ୱିତୀୟ ପାଠ | – | ଓଡ଼ିଶା ସହିତ ଗଡ଼ଜାତ ରାଜ୍ୟମାନଙ୍କର ମିଶ୍ରଣ | ୮୫-୯୨ |
| ତୃତୀୟ ପାଠ | – | ଗୋଆ ଓ ପୁଦୁଚେରୀର ମୁକ୍ତି | ୯୩-୯୭ |
| ଚତୁର୍ଥ ପାଠ | – | ସ୍ୱାଧୀନତା ପରବର୍ତ୍ତୀ ଭାରତୀୟ ଅର୍ଥନୀତି | ୯୮-୧୦୪ |
| ପଞ୍ଚମ ପାଠ | – | ଭାରତରେ ବିଜ୍ଞାନ ଓ ବୈଷୟିକ ଜ୍ଞାନର ବିକାଶ | ୧୦୫-୧୧୧ |
| **ଚତୁର୍ଥ ଅଧ୍ୟାୟ : ସ୍ୱାଧୀନତୋତ୍ତର ଓଡ଼ିଶାର ବିକାଶ** | | | **[୧୧୨-୧୪୪]** |
| ପ୍ରଥମ ପାଠ | – | ସାମାଜିକ ବିକାଶ | ୧୧୨-୧୧୭ |
| ଦ୍ୱିତୀୟ ପାଠ | – | ଶିକ୍ଷାର ବିକାଶ | ୧୧୮-୧୨୪ |
| ତୃତୀୟ ପାଠ | – | କୃଷିର ବିକାଶ | ୧୨୫-୧୨୯ |
| ଚତୁର୍ଥ ପାଠ | – | ଶିଳ୍ପର ବିକାଶ | ୧୩୦-୧୩୬ |
| ପଞ୍ଚମ ପାଠ | – | ଭିତ୍ତିଭୂମିର ବିକାଶ | ୧୩୭-୧୪୪ |


✧✧✧

# ରାଜନୀତି ବିଜ୍ଞାନ


| ଅଧ୍ୟାୟ / ପାଠ | ବିଷୟ | ପୃଷ୍ଠା |
|---|---|---|
| **ପ୍ରଥମ ଅଧ୍ୟାୟ : ଭାରତରେ ସ୍ୱାଧୀନତା ପରବର୍ତ୍ତୀ ରାଜ୍ୟ ପୁନର୍ଗଠନ** | | **[୧୪୫-୧୫୬]** |
| ପ୍ରଥମ ପାଠ | – ନୂତନ ରାଜ୍ୟଗୁଡ଼ିକର ଗଠନ | ୧୪୫-୧୫୦ |
| ଦ୍ୱିତୀୟ ପାଠ | – ଜାମ୍ମୁ ଓ କାଶ୍ମୀର ରାଜ୍ୟର ସାମ୍ବିଧାନିକ ସ୍ଥିତି | ୧୫୧-୧୫୬ |
| **ଦ୍ୱିତୀୟ ଅଧ୍ୟାୟ : ଭାରତରେ ଗଣତନ୍ତ୍ର** | | **[୧୫୭-୧୮୦]** |
| ପ୍ରଥମ ପାଠ | – ସାମ୍ବିଧାନିକ ବ୍ୟବସ୍ଥା | ୧୫୭-୧୫୮ |
| ଦ୍ୱିତୀୟ ପାଠ | – ନିର୍ବାଚନ ପ୍ରକ୍ରିୟା ଓ ନିର୍ବାଚନ ଆୟୋଗ | ୧୫୯-୧୮୦ |
| **ତୃତୀୟ ଅଧ୍ୟାୟ : ଭାରତର ବୈଦେଶିକ ନୀତି** | | **[୧୮୧-୨୦୨]** |
| ପ୍ରଥମ ପାଠ | – ଭାରତର ଯୁକ୍ତରାଷ୍ଟ୍ର ଆମେରିକା ଓ ଋଷିଆ ସହିତ ସମ୍ପର୍କ | ୧୮୧-୧୮୭ |
| ଦ୍ୱିତୀୟ ପାଠ | – ଭାରତ ଓ ତାହାର ପଡ଼ୋଶୀ ରାଷ୍ଟ୍ର | ୧୮୮-୨୦୨ |


✧✧✧